ଜୟୱନ୍ତରାଜ ପୁନାମିୟା ଏବଂ ଅନ୍ୟମାନେ

ବନାମ

ମେସର୍ସ ଏଚ୍. ଚୋକ୍ସି ଏବଂ କୋ. ପ୍ରାଇଭେଟ୍ ଲିମିଟେଡ୍

ଫେବୃଆରୀ 3, 1997

[କେ. ରାମାସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା 1908: ଆଦେଶ 23 - ନିୟମ 3 ।*

*ଆପୋଷ ବୁଝାମଣା ବିଚାରାଦେଶ – ଏହାର କାର୍ଯ୍ୟାନ୍ୱୟନ - ଅପିଲର ବିଚାରଧୀନତା ସମୟରେ ପକ୍ଷମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆପୋଷ ବୁଝାମଣାକୁ ନଥିଭୁକ୍ତ କରିବା ପାଇଁ ଆବେଦନ - ଆପୋଷ ବୁଝାମଣାକୁ ନଥିଭୁକ୍ତ କରିବାକୁ ଅପିଲୀୟ ଅଦାଲତ ଦ୍ୱାରା ପ୍ରତ୍ୟାଖ୍ୟାନ - ଉଚ୍ଚ ନ୍ୟାୟାଳୟ ଏକ ସିଦ୍ଧାନ୍ତ ନଥିଭୁକ୍ତ କରିଛନ୍ତି ଯେ ମଧ୍ୟସ୍ଥି ନିଯୁକ୍ତ କରୁଥିବା ପକ୍ଷମାନଙ୍କ ଉପରେ ଏହା ଏକ ସର୍ତ୍ତଭିତ୍ତିକ ଆପୋଷ ବୁଝାମଣା ହୋଇଥିବାରୁ, ଏହାକୁ ଆଦେଶ 23 ନିୟମ 3 ଅନୁଯାୟୀ ନଥିଭୁକ୍ତ କରାଯାଇପାରିବ ନାହିଁ - ଅପିଲ - ନିର୍ଣ୍ଣୟ କରାଯାଇଥିଲା ଆପୋଷ ବୁଝାମଣାଟି ତୃତୀୟ ପକ୍ଷର କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭରଶୀଳ ଏକ ସର୍ତ୍ତଭିତ୍ତିକ ଚୁକ୍ତି ଥିଲା - ତେଣୁ ଏହା କୁହାଯାଇପାରିବ ନାହିଁ ଯେ ସମ୍ପୂର୍ଣ୍ଣ ବୁଝାମଣା ହୋଇଥିଲା - ତେଣୁ ଆପୋଷ ବୁଝାମଣା ନଥିଭୁକ୍ତ କରିବାର ଉଦ୍ଦେଶ୍ୟ ଏହା ସୁନିଶ୍ଚିତ କରିବା ପାଇଁ ଥିଲା ଯେ ବିବାଦ ଏହାର ଚୂଡ଼ାନ୍ତ ସ୍ଥିତିରେ ପହଞ୍ଚିବ ଏବଂ ଏହା ପରବର୍ତ୍ତୀ ବିବାଦ ସୃଷ୍ଟି କରିବ ନାହିଁ - ଏହି ମାମଲାରେ, ଯେହେତୁ ଶେଷରେ ବିବାଦର ଫଏସଲା ହୋଇନଥିଲା, କିନ୍ତୁ ଆପୋଷ ବୁଝାମଣା ତୃତୀୟ ପକ୍ଷ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭରଶୀଳ ଥିଲା, ଏହା ଚୂଡ଼ାନ୍ତ ହୋଇନଥିଲା - ଉଚ୍ଚ ନ୍ୟାୟାଳୟ ଏହି ନିର୍ଣ୍ଣୟ କରିବାରେ ଠିକ୍ ଥିଲେ ଯେ ଏହି ମାମଲା ଚୂଡ଼ାନ୍ତ ହୋଇନାହିଁ ଏବଂ ଯଦିଓ ଏହା ବିଚାରାଦେଶର ଏକ ଅଂଶ ଥିଲା, ଏହା ଆଦେଶ XXIII, ନିୟମ 3, CPC ଅନୁଯାୟୀ ନଥିଭୁକ୍ତ କରାଯାଇପାରିବ ନାହିଁ ।*

*Mt. ଆକବତୀ ବେଗମ୍* **ବନାମ** *ରହମତ୍ ହୁସେନ୍ ଏବଂ ଅନ୍ୟମାନେ,* **AIR (1973) All. 861 F.B. ଏବଂ** *କାଟିକାର ଚିନ୍ତାମଣି ଡୋରା ଏବଂ ଅନ୍ୟମାନେ* **ବନାମ** *ଗୁଣ୍ଡେଟି ଆନ୍ନାମନାଇଡୁ ଏବଂ ଅନ୍ୟମାନେ,* **[1974] 2 SCR 655, ପ୍ରଭେଦ୍ୟ ଅଟେ ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 702/1997 ।

ଜୟୱନ୍ତରାଜ ପୁନାମିୟା ଏବଂ ଅନ୍ୟମାନେ *ବନାମ* ମେସର୍ସ ଏଚ୍. ଚୋକ୍ସି ଏବଂ କୋ.

C.R.A. ସଂଖ୍ୟା 9/1997ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 10.1.97 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପକ୍ଷରୁ ସି. ସୀତାରମୟା, ଏ. ଏମ୍. ଖାନୱିଲକର ଏବଂ ଶ୍ରୀମତୀ ଭି. ଡି. ଖାନ୍ନା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁରୀ କରାଗଲା ।

ଦେୱାନୀ ପୁନରୀକ୍ଷଣ ଆବେଦନ ସଂଖ୍ୟା 9/97 ରେ ବମ୍ବେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ 10 ଜାନୁଆରୀ, 1997 ତାରିଖର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉତ୍ପନ୍ନ ହୋଇଛି । ଏହା ବିବାଦୀୟ ନୁହେଁ ଯେ ଅପିଲ ବିଚାରାଧୀନ ଥିବାବେଳେ CPCର ଆଦେଶ XXIII, ନିୟମ 3 ଅନୁଯାୟୀ ଆପୋଷ ବୁଝାମଣା ନଥିଭୁକ୍ତ କରିବା ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା । ଅପିଲୀୟ ଅଦାଲତ ଆପୋଷ ବୁଝାମଣା ନଥିଭୁକ୍ତ କରିବାକୁ ମନା କରିଦେଇଥିଲେ ଏବଂ ପୁନରୀକ୍ଷଣ ପରେ ଏହାକୁ ଖାରଜ କରିଦିଆଯାଇଥିଲା । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

କାଗଜ ପୁସ୍ତକର ପୃଷ୍ଠା 21 ରେ ପରିଶିଷ୍ଟ A ଭାବରେ ସଂଲଗ୍ନ ହୋଇଥିବା ଆପୋଷ ବୁଝାମଣାରେ ନଥିଭୁକ୍ତ କରାଯାଇଛି ଯେ "ଆମେ, ନିମ୍ନସ୍ୱାକ୍ଷରକାରୀ ଶ୍ରୀ ହର୍ଷନ ଏ. ମେହେଟ୍ଟା, ଏଚ. ଚୋକ୍ସି ଆଣ୍ଡ କୋ. ପ୍ରାଇଭେଟ୍ ଲିମିଟେଡ୍ ର ନିର୍ଦ୍ଦେଶକ ଏବଂ ମେସର୍ସ ସନ୍ଦୀପ ପ୍ଲାଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଶ୍ରୀ ଜୟବନ୍ତରାଜ ପୁନାମିୟା, ଥାନେସ୍ଥିତ ନନ୍ଦନବନ କୋ-ଅପରେଟିଭ୍ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଲିମିଟେଡରେ ଅବସ୍ଥିତ 2ଟି ଗାଲା, ଯଥା ସଂଖ୍ୟା D/8 ଏବଂ AB/14 ବିକ୍ରି କରିବା ପାଇଁ ଶ୍ରୀ ମୋହନଲାଲ ଏସ୍. ମେହେଟ୍ଟାଙ୍କୁ ନିଯୁକ୍ତ କରୁଛୁ ।" ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତକୁ ନଥିଭୁକ୍ତ କରିଥିଲେ ଯେ ଶ୍ରୀ ମୋହନଲାଲ ଏସ୍. ମେହେଟ୍ଟାଙ୍କୁ ମଧ୍ୟସ୍ଥ ଭାବରେ ନିଯୁକ୍ତ କରୁଥିବା ପକ୍ଷମାନଙ୍କ ଉପରେ ଏହା ଏକ ଆପୋଷ ବୁଝାମଣା ନିର୍ଭରଶୀଳ ହୋଇଥିବାରୁ, ଏହାକୁ CPCର ଆଦେଶ XXIII, ନିୟମ 3 ଅନୁଯାୟୀ ଲିପିବଦ୍ଧ କରାଯାଇପାରିବ ନାହିଁ । ଅପିଲକାରୀମାନଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ସୀତାରମୟା ଯୁକ୍ତି ବାଢ଼ିଛନ୍ତି ଯେ ଥରେ ପକ୍ଷମାନେ ସେମାନଙ୍କ ବିବାଦର ସମାଧାନ ପାଇଁ ଏହି ମାମଲାକୁ ତୃତୀୟ ପକ୍ଷକୁ ପ୍ରେରଣ କରିବାକୁ ରାଜି ହୋଇଗଲେ, ଏହାକୁ CPCର ଆଦେଶ XXIII, ନିୟମ 3 ଅନୁଯାୟୀ କାର୍ଯ୍ୟକାରୀ

କରାଯାଇପାରିବ । ତାଙ୍କ ଯୁକ୍ତିର ସମର୍ଥନରେ, ସେ *Mt. ଆକବରୀ ବେଗମ୍* ବନାମ *ରହମତ୍ ହୁସେନ୍ ଏବଂ ଅନ୍ୟମାନେ,* AIR (1973) ଆହ୍ଲାବାଦ 861 F.B ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଏକ ନିର୍ଣ୍ଣୟ ଉପରେ ନିର୍ଭର କରିଛନ୍ତି । ସେ *କାତିକାରା ଚିନ୍ତାମଣି ଡୋରା ଏବଂ ଅନ୍ୟମାନେ* ବନାମ *ଗୁଣ୍ଟେଡି ଆନ୍ନାମନାଇଡୁ ଏବଂ ଅନ୍ୟମାନେ,* [1974] 2 SCR 655 ମାମଲାରେ ଏହି ନ୍ୟାୟାଳୟର ରାୟ ଉପରେ ମଧ୍ୟ ନିର୍ଭର କରିଥିଲେ । ବିଦ୍ୱାନ ଓକିଲଙ୍କ ଯୁକ୍ତିକୁ ବିଚାରକୁ ନେଇ ଆମେ ଭାବୁଛୁ ଯେ ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିଗୁଡିକରେ ସେ ଠିକ୍ ନୁହଁନ୍ତି । ଏହା ଦେଖିବାକୁ ମିଳିଛି ଯେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ପକ୍ଷମାନେ ମୋହନଲାଲ ଏସ୍. ମେଲିତାଙ୍କ ନିକଟକୁ ମାମଲା ପଠାଇବା ପାଇଁ ଆପୋଷ ବୁଝାମଣାର ସର୍ତ୍ତାବଳୀ ସ୍ଥିର କରିଛନ୍ତି, ଏବଂ ସହମତି ଅନୁଯାୟୀ, ସେ ଦୁଇଟି ଗାଳାର ଫଏସଲା କରିବେ ଏବଂ ବକେୟା ସମାଯୋଜନ ଏବଂ ଖର୍ଚ୍ଚ କାଟିବା ପରେ, ଅବଶିଷ୍ଟ ଅଂଶକୁ ପକ୍ଷମାନଙ୍କୁ ସମାନ ଭାଗରେ ଦିଆଯିବ । ଆମ ନିକଟରେ ଶ୍ରୀ ସୀତାରମୟା ଶ୍ରୀ ମେହେଟ୍ଟାଙ୍କ ପ୍ରମାଣ ଉପସ୍ଥାପନ କରିଛନ୍ତି ଯେଉଁଥିରେ ସେ ସମ୍ପତ୍ତି ବିକ୍ରି କରିବାକୁ ଇଚ୍ଛୁକ ବୋଲି ପ୍ରସ୍ତାବ ଦେଇଛନ୍ତି । ବିଦ୍ୱାନ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ଏହା ଉଲ୍ଲେଖ କରାଯାଇଛି ଯେ ଶ୍ରୀ ମୋହନଲାଲ ଏସ୍. ମେହେଟ୍ଟା ବିବାଦୀୟ ଫ୍ଲାଟ ବିକ୍ରି କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ତେଣୁ ସମ୍ପୂର୍ଣ୍ଣ ଆପୋଷ ବୁଝାମଣା ହୋଇଛି ବୋଲି ଏହା କୁହାଯାଇପାରିବ ନାହିଁ । ଆପୋଷ ବୁଝାମଣା ହେଉଛି ଏକ ସର୍ତ୍ତଭିତ୍ତିକ ଚୁକ୍ତି ଯାହା ତୃତୀୟ ପକ୍ଷର କାର୍ଯ୍ୟାନୁଷ୍ଠାନ, ଅର୍ଥାତ୍, ସମାଯୋଜନ କରିବା ଉପରେ ନିର୍ଭରଶୀଳ । ତେଣୁ, ଆପୋଷ ବୁଝାମଣାକୁ ନଥିଭୁକ୍ତ କରିବାର ମୂଳ ଉଦ୍ଦେଶ୍ୟ ଏହା ସୁନିଶ୍ଚିତ କରିବା ଅଟେ ଯେ ବିବାଦ ଏହାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିବ ଏବଂ ଏହା ପରବର୍ତ୍ତୀ ମକଦ୍ଦମା ଆଡ଼କୁ ଅଗ୍ରସର ହେବ ନାହିଁ । ଏହି ମାମଲାରେ, ଯେହେତୁ ବିବାଦର ଶେଷରେ ଫଏସଲା ହୋଇନଥିଲା, କିନ୍ତୁ ଶ୍ରୀ ମୋହନଲାଲ ଏସ୍. ମେହେଟ୍ଟାଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ଆପୋଷ ବୁଝାମଣା ନିର୍ଭରଶୀଳ ଥିଲା, ସେହି ଦୃଷ୍ଟିକୋଣରୁ ଏହା ଚୂଡ଼ାନ୍ତ ହୋଇପାରିନଥିଲା । ଏହି ମକଦ୍ଦମାରେ ବିଚାରାଧୀନ ଥିବା ବିବାଦର ସ୍ଥିରୀକରଣ ପାଇଁ ଏକ ମଧ୍ୟସ୍ଥତା ବିଚାରାର୍ଥେ ପ୍ରେରଣ ପ୍ରସଙ୍ଗରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କୁ ଏହି ପ୍ରଶ୍ନ ଉପରେ ବିଚାର କରିବାକୁ ପଡ଼ିଥିଲା । ସେହି ପରିପ୍ରେକ୍ଷୀରେ, ଏକ ପୂର୍ଣ୍ଣ ବିଚାରପୀଠ ଏଠାରେ ଉଦ୍ଧୃତ ଆଇନକୁ ସ୍ଥାପିତ କରିବାକୁ ଆସିଥିଲେ:

> "ଯେତେବେଳେ ଉଭୟ ପକ୍ଷ ଏକାସାଙ୍ଗରେ ଏପରି ସ୍ୱୀକାର କରନ୍ତି, ଏହା ଜଣଙ୍କ ଦ୍ୱାରା ଏକ ପ୍ରସ୍ତାବ ଏବଂ ଅନ୍ୟ ପକ୍ଷ ଦ୍ୱାରା ସ୍ୱୀକାର କରିବା ସହିତ ସମାନ ଅଟେ । ତେଣୁ, ଏଭଳି ପାରସ୍ପରିକ ସ୍ୱୀକୃତି ସେମାନଙ୍କ ମଧ୍ୟରେ ଏକ ବୈଧ ଚୁକ୍ତିନାମା ହେବ । ବିଚାର

କରିବା ଉତ୍ତମ ଅଟେ କାରଣ ଏଥିରେ ପାରସ୍ପରିକତା ରହିଛି । ଯେଉଁ ବ୍ୟକ୍ତିଙ୍କ ପାଖକୁ ବିବାଦ ସମାଧାନ ହେବାପାଇଁ ଯାଇଥାଏ, ସେତେବେଳେ ତାଙ୍କ ବିବୃତି ଉଭୟ ପକ୍ଷଙ୍କ ସ୍ୱୀକୃତି ହେବ ଯାହା ସେମାନଙ୍କ ଉପରେ ବାଧ୍ୟତାମୂଳକ ଅଟେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସ୍ୱୀକୃତି ନିର୍ଣ୍ଣାୟକ ନୁହେଁ; କିନ୍ତୁ ଯେଉଁଠାରେ ଏହି ପ୍ରକାରର ପାରସ୍ପରିକତା ରହିଛି, ଏବଂ ସେମାନେ ଏକ ରାଜିନାମା ପାଇଁ ନିର୍ଣ୍ଣୟ ନେଇଛନ୍ତି, ସେମାନଙ୍କର ନିର୍ଣ୍ଣାୟକତା ବିବନ୍ଧ ନୀତିରୁ ଅନୁସରଣ କରେ ।"

ସମାନ ଭାବରେ, *କାଟିକାନା ଚିନ୍ତାମଣି ଡୋରାଙ୍କ* ମାମଲାରେ ଏହି ଅଦାଲତକୁ ଏହି ପ୍ରସଙ୍ଗ ଉପରେ ବିଚାର କରିବାକୁ ପଡ଼ିଥିଲା, ଯେଉଁଥିରେ ପକ୍ଷମାନେ ମାଡ୍ରାସ ଭୂସମ୍ପତ୍ତି ଜମି ଅଧିନିୟମ, 1908 ର ଧାରା 3(2)(d) ର ଅର୍ଥ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ସୂଚିତ ଏକ ନିର୍ଦ୍ଦିଷ୍ଟ ଗ୍ରାମ 'ଭୂସମ୍ପତ୍ତି' କି ଏବଂ ଆପୋଷ ବୁଝାମଣା ହେବା ପରେ ଏହି ନିର୍ଣ୍ଣୟ ଅପିଲ ଯୋଗ୍ୟ କି, ଏହି ପ୍ରଶ୍ନ ଉପରେ ନ୍ୟାୟାଳୟର ନିର୍ଣ୍ଣୟକୁ ପାଳନ କରିବାକୁ ରାଜି ହୋଇଥିଲେ । ସେହି ପରିପ୍ରେକ୍ଷୀରେ, ଏହି ଅଦାଲତ ବିଚାର କରିଥିଲେ ଏବଂ ନିର୍ଣ୍ଣୟ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ବିବାଦର ପରିସରକୁ ଭୁଲ୍ ବୁଝିଛନ୍ତି ଏବଂ ଯଦିଓ ବିଚାରାଦେଶର ଏକ ଅଂଶର ଫଏସଲା ହୋଇଛି, ଏକ ଅପିଲ ବିଦ୍ୟମାନ ଅଟେ । ଏଠାରେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ତଥ୍ୟ, ପରିସ୍ଥିତି ଏବଂ ପର୍ଯ୍ୟବେକ୍ଷଣକୁ ଦୃଷ୍ଟିରେ ରଖି, ଆମେ ଭାବୁଛୁ ଯେ ଉଚ୍ଚ ନ୍ୟାୟାଳୟ ଏହି ନିର୍ଣ୍ଣୟ କରିବାରେ ଠିକ୍ ଥିଲେ ଯେ ଏହି ମାମଲା ଚୂଡ଼ାନ୍ତ ହୋଇନାହିଁ ଏବଂ ଯଦିଓ ଏହା ବିଚାରାଦେଶର ଏକ ଅଂଶ ଅଟେ, ଏହା CPCର ଆଦେଶ XXIII, ନିୟମ 3 ଅନୁଯାୟୀ ନଥିଭୁକ୍ତ କରାଯାଇପାରିବ ନାହିଁ ।

ତଦନୁସାରେ ଅପିଲକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଅପିଲ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର:*

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ